# ପିଲାଙ୍କ ଧରିତ୍ରୀ

ଶନିବାର, ୨୨ ଜୁନ୍, ୨୦୧୯








କହିଲ ଦେଖି ୬

୪-୫ ତୁମ ତୂଳୀରୁ

୮ ଆଇନା



ଆସ ଜାଣିବା ୩



୭ ଜଣା-ଅଜଣା



## ଖିଲିଖିଲି ହସ

✲ ବାପା (ରାଗିଯାଇ): ରାଜୁ, ତୁ ସବୁବେଳେ ମିଛ କାହିଁକି କହୁଛୁ? ମୁଁ ଯେତେବେଳେ ତୋ ବୟସର ଥିଲି ଆଦୌ ମିଛ କହୁ ନ ଥିଲି।
ରାଜୁ: ତେବେ ବାପା ମୋତେ ଟିକିଏ କହିବେ କି ଆପଣ କେଉଁ ବୟସରୁ ମିଛ କହିବା ଆରମ୍ଭ କଲେ?

✲ ମା': ଦେଖ୍ ବାପି, ତୋତେ ଯଦି ଏ ଘରେ ରହିବାର ଅଛି ମୋର ସବୁ କଥା ମାନି ଚଳିବାକୁ ପଡିବ।
ବାପି: ବୁଝିଗଲି ମା'। ବାପା ଯେମିତି ତମର ସବୁ କଥା ମାନି ଚଳୁଛନ୍ତି, ମୁଁ ବି ତମର ସବୁକଥା ମାନି ଚଳିବି।

✲ ବାପା: ଦେଖ୍ ଚିକୁ, ଜୁଆ ଖେଳିବା ଆଦୌ ଭଲ ଅଭ୍ୟାସ ନୁହେଁ। ଏଥିରେ ଦିନେ ଜିତିଲେ ଆର ଦିନ ପୁଣି ହାରିବାକୁ ହୁଏ।
ଚିକୁ: ଠିକ୍ ଅଛି ବାପା ମୁଁ ଗୋଟେ ଦିନ ଛାଡି ଗୋଟେ ଦିନ ଜୁଆ ଖେଳିବି।

✲ରୋଶନ: ମୋହନ, ତୋତେ ଫୁଲ ଆଣିବାକୁ କହିଥିଲି ତୁ ପୂରା ଡାଳ କ'ଣ ପାଇଁ ଭାଙ୍ଗି ଆଣିଲୁ?
ମୋହନ: ସାଙ୍ଗ, ସେଠାରେ ଲେଖା ହୋଇଥିଲା– 'ଫୁଲ ତୋଳିବା ମନା।' ତେଣୁ ମୁଁ ପୂରା ଡାଳ ଭାଙ୍ଗି କି ଆଣିଲି।

## ସୂଚନା

ପିଲାଙ୍କ ଧରିତ୍ରୀରେ ବିଭିନ୍ନ ସ୍କୁଲ୍ ଏବଂ ଶିଶୁ ଅନୁଷ୍ଠାନ ପକ୍ଷରୁ ଆୟୋଜନ କରାଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଫଟୋ ଓ ଖବର ସ୍ଥାନ ପାଇବ। ଏ ସମ୍ପର୍କିତ ସୂଚନା ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ଏହି ସଂଖ୍ୟା ପ୍ରକାଶନର ୨ଦିନ ମଧ୍ୟରେ ଜଣାଇବାକୁ ପଡିବ। ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟିର ଫଟୋ ସହ ବୟସ ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ନିଜ ଫଟୋ ସହ ଓଡ଼ିଆରେ ନାମ, ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ।

**ଆମ ଠିକଣା**

dharitrifeature@gmail.com

ପିଲାଙ୍କ ଧରିତ୍ରୀ

ସମ୍ପାଦକ: ତଥାଗତ ସତପଥୀ

Printed and published by
Sri Tathagata Satpathy on behalf of
Navajat Printers & Media Pvt. Ltd.
and printed at Navajat Printers,
B-15, Rasulgarh Industrial Estate,
Bhubaneswar-10, Ph.:2549302,
Fax : 2549795

ଗପ



# ନଟଖଟିଆ କାହ୍ନା

କାହ୍ନା ଥିଲା ବହୁତ ନଟ୍‌ଖଟିଆ। ବୈଠକ ଘରେ ସେ ପଶୁଥିଲା ତ ତୋଫାନ ଆସୁଥିଲା। ରୋଷେଇ ଘରକୁ ଆସୁଥିଲା ତ ଝଞ୍ଜା ମାଡ଼ି ଆସୁଥିଲା। ଗଳିରେ ଦୌଡୁଥିଲା ତ ସାଗରରେ ଲହଡ଼ି ଉଠୁଥିଲା। କଥା କ'ଣ କି, ତା' ହାତରେ ସେଦିନ ପଡିଯାଇଥିଲା ହାରମୋନିୟମ୍ ଖଣ୍ଡେ। ଯେବେଠାରୁ ତା' ଭଉଣୀର ବାହାଘର ହୋଇଗଲା ସେଇଦିନଠାରୁ ହାରମୋନିୟମ୍ ହୋଇଯାଇଛି ଘରେ ଝଡ଼ଝଞ୍ଜାର କାରଣ।
ସେ ହାରମୋନିୟମ୍‌ର କଭର ଉଠାଇ ତା'ର କୁନି ହାତରେ ହାୱା ଭରିଦିଏ। ସୁର ଉପରେ ହାତ ଦବାଇ ଆଳାପ କରେ। ଲାଗେ ଯେମିତି 'ସା ରେ ଗା ମା' ଗାଉଛି। କାହ୍ନାର ଜେଜେମା' ଭାରି ବିରକ୍ତ ହୁଅନ୍ତି। ଗୋଟିଏ ପଟେ କାହ୍ନାର ଆଳାପ ଆଉ ଆରପଟେ ଜେଜେ ମା'ର ରାଗ। କାହ୍ନା ! ଏବେ ମୁଁ ଶୋଇଛି। ବନ୍ଦକର ତୋ ତାନ୍। ଜେଜେ ମା' ପାଟିକରନ୍ତି। କାହ୍ନା ହାରମୋନିୟମ୍ ଛାଡି ଦାଣ୍ଡଆଡେ ଦୌଡ଼ିଯାଏ। ହେଲେ ସେ ଥୟ ହୋଇ ରହିପାରେନା, ଚୁପ୍‌କିନା ପୁଣି ଆସି ହାରମୋନିୟମ୍ କଭର ଖୋଲି ସୁର ଉପରେ ହାତ ରଖିଦିଏ। ଜେଜେମା ଜୋରରେ ପାଟି କରନ୍ତି, କାହ୍ନା! ମୁଁ ଠାକୁର ପୂଜା କରୁଛି ପରା। ବନ୍ଦକର ତୋର ଏ ସରଗମ୍।
କାହ୍ନା ଦୌଡିଯାଇ ରୋଷେଇ ଘରେ ଲୁଚିଯାଏ। ରୋଷେଇ ଘରେ ଥିବା ଡବାର ଆବାଜ୍‌ରେ ପୂରାଘର କମ୍ପି ଉଠେ।
ଦିନେ କାହ୍ନାର ମା' ଜେଜେ ମା'ଙ୍କୁ କହିଲେ: ମା' ଏଇ ହାରମୋନିୟମ୍‌କୁ କୋଉଠି ଲୁଚେଇ ଦିଅନ୍ତୁ।
ଜେଜେ ମା' କହିଲେ: କୋଉଠି ଲୁଚେଇବି ବୋହୂ?
: ଯୋଉଠିକି କାହ୍ନାର ହାତ ନ ପାଇବ।
: ପଲଙ୍କ ତଳେ, କବାଟ ପଛପଟେ, ଷ୍ଟୋର ଭିତରେ ନ ହେଲେ ସିନ୍ଦୁକ ଉପରେ। ବୁଝିପାରୁନି କୋଉଠି ଲୁଚାଇ ରଖିବି ହାରମୋନିୟମ୍‌କୁ?
କାହ୍ନା ବାପା କହିଲେ: ମା' ହାରମୋନିୟମ୍‌କୁ ତାଜା ଉପରେ ରଖିଦେଲେ କେମିତି ହୁଅନ୍ତା?
ସମସ୍ତଙ୍କ ମନକୁ କଥାଟା ପାଇଲା।
ହାରମୋନିୟମ୍ ତାଜା ଉପରେ ପହଞ୍ଚିଗଲା। କାହ୍ନା ହାତ ପାହାନ୍ତାରୁ ଦୂରରେ।
ଦିନେ ଜେଜେ ମା' ପୁଣି ପାଟିକଲେ: କାହ୍ନା ! ବନ୍ଦକର ହାରମୋନିୟମ୍ ବଜାଇବା।
କାହ୍ନାର ମା' କହିଲେ : ମା! ହାରମୋନିୟମ୍‌ଟିକୁ ତ ତାଜା ଉପରେ ରଖି ଦେଇଥିଲେ, ପୁଣି ଶବ୍ଦ ଆସୁଛି କେଉଁଠୁ?
କାହ୍ନା ବି ଖୋଜେ ହାରମୋନିୟମ୍ ଗଲା କୁଆଡେ?
ଦିନେ କାହ୍ନା ବାପା–ମା'ଙ୍କ କୋଠରିରେ ବସିଥିଲା। ହଠାତ୍ ହାରମୋନିୟମ୍‌ରେ ସା ରେ ଗା ମା ଆବାଜ୍ ଆସିଲା, ପୁଣି 'ରେ' ରେ ଅଟକିଗଲା।
ମା' ଆଶ୍ଚର୍ଯ୍ୟ ହେଲେ, କାହ୍ନା ବାପାଙ୍କୁ ଡକାଗଲା।
କାହ୍ନା ବି ପରଦା ପଛରୁ ଦେଖୁଥିଲା।
ବାପା ଷ୍ଟୁଲ୍‌ରେ ଚଢି ତାଜା ପରଦା ଉଠାଇ ଦେଖିଲେ, ଦି'ଟା ମୋଟା ମୂଷା ହାରମୋନିୟମ୍‌ର ପର୍ଦ୍ଦାକୁ ଧରିଛନ୍ତି ଆଉ ସେଥିରୁ ଗୋଟିଏ ସ୍ୱର ଉପରେ ବସିଯାଇଛି।
: ଆଛା! ଏ କରାମତି ତାହେଲେ ମୂଷା କରୁଛନ୍ତି? ଆରେ ରାଜୁ ତାଜା ଉପରୁ ହାରମୋନିୟମ୍ କାଢ଼ିଦେ। ମୂଷା ଯଦି ମୋ କାମରେ ବାଧା ଦେଉଛନ୍ତି ତେବେ କାହ୍ନା କଲେ କ୍ଷତି କ'ଣ?
ଜେଜେ ମା କାହ୍ନାର ବାପାଙ୍କୁ କହିଲେ।
: ଆ ମୋ' କାହ୍ନା, ନେ' ବଜା ହାରମୋନିୟମ୍ ମୁଁ ବି ଗାଇବି ତୋ ସାଙ୍ଗରେ।
କାହ୍ନା ହାରମୋନିୟମ୍ ଉପରକୁ ଉଛୁଳି ଆସିଲା। ଏଥର କାହ୍ନାର ହାରମୋନିୟମ୍ ସ୍ୱର ସହ ଜେଜେ ମା'ଙ୍କ ସ୍ୱର ମଧ୍ୟ ଘରକୁ ଝଙ୍କୃତ କଲା। ଆଉ ଏଥିରେ ସମସ୍ତେ ଭାରି ଖୁସିଥିଲେ ।

**–ଭିକାରୀ ଚରଣ ପ୍ରଧାନ**, *କନ୍ହେଇପୁର, ଖୋର୍ଦ୍ଧା*

## ମତାମତ


★ ପିଲାଙ୍କ ଧରିତ୍ରୀ ପ୍ରଚ୍ଛଦଟି ସମ୍ପୂର୍ଣ୍ଣ ରଜ ସମ୍ପର୍କିତ ଥିବାରୁ ବହୁତ ଭଲ ଲାଗିଲା।
– **ରିକି, ପିଙ୍କି,** *ଇନ୍ଦିପୁର, ଢେଙ୍କାନାଳ*

★ ତୁମ ତୂଳୀରୁ ପୃଷ୍ଠାରେ ସ୍ଥାନ ପାଇଥିବା ପ୍ରତିଟି ରଜ ଦୋଳି ଚିତ୍ର ଖୁବ୍ ସୁନ୍ଦର ଲାଗୁଥିଲା। ଏଥର ପ୍ରତିଟି ପୃଷ୍ଠାର ଉପସ୍ଥାପନା ମନକୁ ଛୁଇଁଲାଭଳି।
– **ଅବିନାଶ ମହନ୍ତ,** ବରି, *ଯାଜପୁର*

★ ଜଣା ଅଜଣା ପୃଷ୍ଠାରେ ସ୍ଥାନ ପାଇଥିବା ସମସ୍ତ ତଥ୍ୟକୁ ମୁଁ ପାଠ କରିଥାଏ। ଏଥିରୁ ଅନେକ କିଛି ଜାଣିବାକୁ ମିଳୁଛି।
– **ଶ୍ୱେତାଲିନା ମିଶ୍ର,** *ଗୋସାଣିନୂଆଗାଁ, ବ୍ରହ୍ମପୁର, ଗଞ୍ଜାମ*

★ କବିତା ପୃଷ୍ଠାରେ ପ୍ରକାଶିତ ରଜ ସମ୍ପର୍କିତ ସମସ୍ତ କବିତା ବେଶ୍ ହୃଦୟସ୍ପର୍ଶୀ ଥିଲା।
– **ଭବାଂଶୀ ହୋତା,** *ଜୟପୁର*

## ବିନ୍ଦୁ ଯୋଡ଼



## ଚଗଲା ଭୀମୁ






# ଆସ ମଙ୍ଗଳ ଗ୍ରହରେ ଲେଖିବା ନାଁ

ବିଜ୍ଞାନ କଥା

ସୌର ପରିବାରର ଅନ୍ୟତମ ସଦସ୍ୟ ମଙ୍ଗଳ ଆମର ଅତି ପରିଚିତ ଗ୍ରହ । ପୃଥିବୀଠାରୁ ପ୍ରାୟ ୩୦ କୋଟି ମାଇଲ ବା ପାଖାପାଖି ୪୫ କୋଟି କିଲୋମିଟର ଦୂରରେ ଅବସ୍ଥାନ କରୁଥିଲେ ମଧ୍ୟ ଆମେ ଖାଲି ଆଖିରେ ରାତିର ଆକାଶରେ ଦେଖିପାରୁ ମଙ୍ଗଳ ଗ୍ରହକୁ । ଏହା ଆମକୁ ନାଲି ଦେଖାଯାଉଥିବାରୁ କେହି କେହି ଏହାକୁ ଲୋହିତ ଗ୍ରହ ମଧ୍ୟ କହିଥାନ୍ତି । ପୃଥିବୀ ସହ ମଙ୍ଗଳ ଗ୍ରହର ରହିଛି ଅନେକ ସାମଞ୍ଜସ୍ୟ ; ଯେପରିକି ଏହାର ଦିନ ପୃଥିବୀର ଦିନ ପରି ସମାନ, ଅର୍ଥାତ୍ ୨୪ ଘଣ୍ଟା ୩୭ ମିନିଟରେ ମଙ୍ଗଳ ଗ୍ରହରେ ଗୋଟିଏ ଦିନ ହୁଏ । ସେହିପରି ମଙ୍ଗଳରେ ମୁଖ୍ୟତଃ ଦୁଇଟି ଋତୁ ଅନୁଭୂତ ହୁଏ, ଶୀତ ଓ ଗ୍ରୀଷ୍ମ। ପୃଥିବୀ ପରି ମଙ୍ଗଳର ଭୂମି ମଧ୍ୟ ୪ ପରସ୍ତ ଏବଂ ପ୍ରତ୍ୟେକ ପରସ୍ତରେ ଗଠନର ଭିନ୍ନତା ରହିଛି। ମାତ୍ର ଜଳ ବିନା ଜୀବନର ପରିକଳ୍ପନା। ଅସମ୍ଭବ ହେତୁ, ମଙ୍ଗଳ ପୃଷ୍ଠରେ ଜଳ ଅଛି କି ନାହିଁ, ତା'ର ସବିଶେଷ ବିବରଣୀ ବର୍ତ୍ତମାନ ପର୍ଯ୍ୟନ୍ତ ନିଶ୍ଚିତ ହୋଇପାରି ନାହିଁ । ସେଥିପାଇଁ ରାଷ୍ଟ୍ରୀୟ ବୈମାନିକୀ ଏବଂ ଅନ୍ତରୀକ୍ଷ ପ୍ରବନ୍ଧନ ବା ନାସା ତରଫରୁ ସର୍ବଦା ଜାରି ରହିଛି ମଙ୍ଗଳ ପୃଷ୍ଠରେ ଗବେଷଣା ଏବଂ ଅନ୍ୱେଷଣ । ମଙ୍ଗଳ ଗ୍ରହର ବିସ୍ତୃତ ଅଧ୍ୟୟନ ପାଇଁ ନାସା ଶେଷ ଥର ଲାଗି ପଠାଇଥିବା ଇନ୍‌ସାଇଟ ଲ୍ୟାଣ୍ଡର ୨୦୧୮ ନଭେମ୍ବର ୨୬ରେ ଏହି ଗ୍ରହର ଭୂମଧ୍ୟ ରେଖା ନିକଟରେ ଲାଭାର ପରସ୍ତ ପରସ୍ତ ଚାଦର ପରି ଦେଖାଯାଉଥିବା ଭୂମିରେ ଓହ୍ଲାଇବା ପରେ ତା'ର କାର୍ଯ୍ୟ ଆରମ୍ଭ କରି ଦେଇଥିଲା । ତତ୍ ସଙ୍ଗେସଙ୍ଗେ ଲକ୍ଷାଧିକ ଭାରତୀୟଙ୍କ ସହ ପୃଥିବୀର କୋଣ ଅନୁକୋଣରୁ ପାଖାପାଖି ୨୪ ଲକ୍ଷ ଲୋକଙ୍କ ନାମକୁ ନେଇ ମଙ୍ଗଳ ଗ୍ରହରେ ଅବତରଣ କରାଯାଇଥିଲା ନାସାର ଏହି ମହାକାଶ ଯାନ । ପ୍ରକୃତ କଥା ହେଲା ଏଥିରେ କୌଣସି ବ୍ୟକ୍ତି ନୁହନ୍ତି, ମହାକାଶ ବାତୁଳ ବ୍ୟକ୍ତିମାନଙ୍କର ନାମ ହିଁ ଅବତରଣ କରିଛି । ମଣିଷ କେଶର ହଜାର ଭାଗରୁ ଏକ ଭାଗ ପତଳା ଗାରରେ ଏଇ ନାଁ ସବୁ ଇଲେକ୍‌ଟ୍ରନ ରଶ୍ମି ସାହାଯ୍ୟରେ ମୁଦ୍ରିତ ହୋଇ ରହିଛି ଏକ ସିଲିକନ ମାଇକ୍ରୋଚିପ୍‌ରେ । ମାଇକ୍ରୋଚିପ୍‌ଟି ଲଗାଯାଇଥିଲା ଇନ୍‌ସାଇଟ ଲ୍ୟାଣ୍ଡର୍‌ର ଶୀର୍ଷରେ । ଏହି ଉଡାଣରେ ଅଂଶଗ୍ରହଣ କରିବାକୁ ନାସା ଦେଇଥିବା ଆହ୍ୱାନ ଲୋକପ୍ରିୟତାର ଶୀର୍ଷରେ ପହଞ୍ଚିଥିଲା । ଲୋକପ୍ରିୟତାକୁ ଦୃଷ୍ଟିରେ ରଖି ଏବଂ ବିଜ୍ଞାନକୁ ଜନାଦୃତ କରାଇବା ସକାଶେ ନାସା ପୁନଶ୍ଚ ଏକ ଆହ୍ୱାନ ଦେଇଛି ଲୋକଙ୍କ ନାମକୁ ମହାକାଶରେ ପୁନର୍ବାର ପ୍ରେରିତ କରିବା ପାଇଁ। ମଙ୍ଗଳକୁ ନାସାର ପରବର୍ତ୍ତୀ ରୋଭର ଜୁଲାଇ ୨୦୨୦ରେ ଫ୍ଲୋରିଡାର କେପ୍ କାର୍ନିଭାଲ ବାୟୁସେନା ଷ୍ଟେଶନରୁ ଉତ୍‌କ୍ଷେପଣ କରାଯିବ । ପାଖାପାଖି ୮ମାସ ଅତିକ୍ରାନ୍ତେ, ମଙ୍ଗଳର ଯେଜିରୋ କ୍ରାଟରଠାରେ ୨୦୨୧ ଫେବୃୟାରୀ ବେଳକୁ ରୋଭରଟି ପହଞ୍ଚିବା ନେଇ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି । ଏହି ରୋଭର ମାନବର ବସତି ସ୍ଥାପନର ଭିତ୍ତିଭୂମିକୁ ପରୀକ୍ଷା କରିବା ସଙ୍ଗେ ସଙ୍ଗେ ମଙ୍ଗଳର ମୃତ୍ତିକା, ଭୂମିରୂପ, ଜଳବାୟୁ ଏବଂ ସୂକ୍ଷ୍ମ ଅଣୁଜୀବମାନଙ୍କର ଅବସ୍ଥିତିକୁ ମଧ୍ୟ ନିରୀକ୍ଷଣ କରିବ। ଏହାଛଡ଼ା ଏହି ରୋଭର ଡ୍ରିଲିଂ କରି ମଙ୍ଗଳର ଭୂପୃଷ୍ଠରୁ ଶିଳା ଏବଂ ମୃତ୍ତିକାର ନମୁନା ମଧ୍ୟ ସଂଗ୍ରହ କରିବ । ମୋଟ ଉପରେ ମଙ୍ଗଳ ଗ୍ରହକୁ ଏହି ମିଶନ ଭବିଷ୍ୟତ ମାନବର ବସତି ସ୍ଥାପନ କରିବାର ଭିତ୍ତିଭୂମି ଉପରେ ପର୍ଯ୍ୟବସିତ ବୋଲି ମତ ଦିଅନ୍ତି ନାସାର ମିଶନ ଡାଇରେକ୍ଟର ଥୋମାସ ଜୁରବୁଚେନ । ପୁନଶ୍ଚ ଥୋମାସ ଏହି ମଙ୍ଗଳ ଯାତ୍ରାରେ ଲୋକଙ୍କୁ ସାମିଲ ହେବା ପାଇଁ ଆମନ୍ତ୍ରଣ କରିବା ସଙ୍ଗେ ସଙ୍ଗେ ନାମ ପଞ୍ଜୀକରଣ କରିବା ଲାଗି ଅନୁରୋଧ କରିଛନ୍ତି । ଏହି ନିବନ୍ଧଟି ଲେଖା ହେବା ସୁଦ୍ଧା ପ୍ରାୟ ୬୦ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ନିଜ ନାମକୁ ମଙ୍ଗଳ ଯାତ୍ରାରେ ସାମିଲ କରିବା ନିମନ୍ତେ ପଞ୍ଜୀକରଣ କରି ସାରିଛନ୍ତି । ମୁଁ ମଧ୍ୟ ମୋର ନାମକୁ ମଙ୍ଗଳକୁ ପ୍ରେରଣାର୍ଥେ ପଞ୍ଜୀକରଣ କରିସାରିଛି । ମୋର ଅନୁରୋଧ ଆପଣମାନେ ନିଜେ ନିଜର ନାମକୁ ପଞ୍ଜୀକରଣ କରିବା ସଙ୍ଗେ ସଙ୍ଗେ ଅନ୍ୟମାନଙ୍କୁ ଏଥି ସକାଶେ ଉତ୍ସାହିତ କରନ୍ତୁ । ମଙ୍ଗଳ ମିଶନରେ ନାମ ପଠାଇବାର ଶେଷ ତାରିଖ ନାସା ଦ୍ୱାରା ୩୦ ସେପ୍ଟେମ୍ବର ୨୦୧୯କୁ ଧାର୍ଯ୍ୟ କରାଯାଇଛି । ଆପଣମାନେ ନାମ ପଞ୍ଜୀକରଣ କରିବା ପାଇଁ https://mars.nasa.gov/participate/send-your-name-mars2020 ୱେବସାଇଟ୍‌କୁ ମଧ୍ୟ ଗସ୍ତ କରିପାରିବେ ।






-ପ୍ରଶାନ୍ତ କୁମାର ମିଶ୍ର
*ସହକାରୀ ପ୍ରଫେସର (ଭୂତତ୍ତ୍ୱ ବିଜ୍ଞାନ), ସରକାରୀ ମହାବିଦ୍ୟାଳୟ, ସୁନ୍ଦରଗଡ଼, ମୋ: ୯୯୬୭୩୪୦୪୦୪*





ଆସ ଜାଣିବା

# ଆମ୍ବ ମହୋତ୍ସବ




ଖରା ଦିନ ଆସିଲାମାନେ ମନେପଡେ ଆମ୍ବ କଥା। ପିଲାଙ୍କଠାରୁ ବଡ଼ ପ୍ରାୟ ସମସ୍ତଙ୍କ ପ୍ରିୟ ଏହି ଆମ୍ବ। ପୃଥିବୀରେ ଆମ୍ବର ଅନେକ ଭେରାଇଟି ରହିଛି। ସେହି ବିଷୟରେ ଲୋକଙ୍କୁ ସୂଚନା ଦେବା ଲାଗି ନୂଆ ଦିଲ୍ଲୀର ଦିଲ୍ଲୀ ହାଟ୍‌ଠାରେ ପ୍ରତିବର୍ଷ ଜୁନ୍ କିମ୍ବା ଜୁଲାଇ ମାସରେ ଅନ୍ତର୍ଜାତୀୟ ଆମ୍ବ ମହୋତ୍ସବ ଅନୁଷ୍ଠିତ ହୋଇଥାଏ। ଏହି ମହୋତ୍ସବରେ ଆମ୍ବର ପ୍ରାୟ ୧୧୦୦ରୁ ଅଧିକ ଭେରାଇଟି ପ୍ରଦର୍ଶିତ ହୋଇଥାଏ। ସେଥିମଧ୍ୟରୁ ଆଲଫାନସୋ, ଆମ୍ରପଲ୍ଲୀ, ଦଶେରୀ, ଫସ୍‌ଲି, ବମ୍ବେ ଗ୍ରିନ୍, ସିନ୍ଧେରୀ, ଚଉଶା ଆଦି ଅନ୍ୟତମ। ଦିଲ୍ଲୀ ଟୁରିଜମ୍ ଏବଂ ଟ୍ରାନ୍ସପୋର୍ଟେଶନ୍ ଡେଭେଲପ୍‌ମେଣ୍ଟ କର୍ପୋରେଶନ୍ ଦ୍ୱାରା ଆୟୋଜନ କରାଯାଉଥିବା ଏହି ଅନ୍ତର୍ଜାତୀୟ ଆମ୍ବ ମହୋତ୍ସବରେ ଭାରତର ବିଭିନ୍ନ ରାଜ୍ୟରୁ ଆମ୍ବ ଉତ୍ପାଦନକାରୀମାନେ ଆସି ଆମ୍ବ ତଥା ଆମ୍ବ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଦ୍ରବ୍ୟ ଏଠାରେ ପ୍ରଦର୍ଶନ କରିବାର ସୁଯୋଗ ପାଇଥାନ୍ତି। କେବଳ ଭାରତ ନୁହେଁ ଭାରତ ବାହାରୁ ମଧ୍ୟ ଅନେକ ପ୍ରବୀଣ ଉଦ୍ୟାନବିତ୍‌ମାନେ ଆସି ଏଠାରେ ଯୋଗ ଦେଇଥାନ୍ତି। ଏଠାକୁ ବୁଲିବାକୁ ଆସୁଥିବା ପର୍ଯ୍ୟଟକମାନେ ନା କେବଳ ଆମ୍ବର ବିଭିନ୍ନ ଭେରାଇଟି ବିଷୟରେ ଜାଣିବା କିମ୍ବା ଦେଖିବାର ସୁଯୋଗ ପା'ନ୍ତି ବରଂ ଦକ୍ଷ ସେଫ୍‌ମାନଙ୍କ ଠାରୁ ଆମ୍ବକୁ ବିଭିନ୍ନ ଆକୃତିରେ କାଟିବାର କଳା ତଥା ଆମ୍ବରେ ପ୍ରସ୍ତୁତ ବିଭିନ୍ନ ସ୍ୱିଟ୍ ଡିସ୍, ସେକ୍, ଜୁସ୍, କେକ୍ ଆଦି ଚାଖିବାର ମଜା ମଧ୍ୟ ନିଅନ୍ତି। ଏହା ବ୍ୟତୀତ ଆମ୍ବକୁ ନେଇ ପିଲାମାନଙ୍କ ପାଇଁ ବିଭିନ୍ନ ଫନ୍ ଆକ୍ଟିଭିଟି, ଆମ୍ବ ଖାଇବା ପ୍ରତିଯୋଗିତା ତଥା ସ୍ଲୋଗାନ ଲେଖା ପ୍ରତିଯୋଗିତା ସାଜିଥାଏ ଏହି ମହୋତ୍ସବର ଅନ୍ୟ ଆକର୍ଷଣ।



୧



୨



୩



୪



୫



୬




୭



୮



୧
ମଞ୍ଜିଲ୍ କୁମାର ଗିରି
କ୍ଲାସ୍ –୭, ବିକାଶ
ରେସିଡେନ୍‌ସିଆଲ୍ ସ୍କୁଲ,
ବରଗଡ



୨
ଆୟୁଷ ବୋଷ
କ୍ଲାସ୍–୬, ସେଣ୍ଟ୍
ଜାଭିୟର୍ସ ହାଇସ୍କୁଲ,
ଭିଏସ୍‌ଏସ୍ ନଗର,
ଭୁବନେଶ୍ୱର



୩
ମହମ୍ମଦ ଫରହାନ୍
କ୍ଲାସ୍ – ୪, ନେତାଜୀ
ସୁଭାଷ ଚନ୍ଦ୍ର ବୋଷ ବିଦ୍ୟା
ନିକେତନ, ହଳଦିଆ,
ପଶ୍ଚିମବଙ୍ଗ



୪
ଦିବ୍ୟା ଦେବସ୍ମିତା
ମହାକୁର
କ୍ଲାସ୍ – ୩,କେନ୍ଦ୍ରୀୟ
ବିଦ୍ୟାଳୟ,
ସୁବର୍ଣ୍ଣପୁର



୫
ଶ୍ରେୟାଶ୍ରୀ ପଣ୍ଡା
କ୍ଲାସ୍ – ୫, ସେଣ୍ଟ୍
ଯୋଶେଫ୍ ହାୟର
ସେକେଣ୍ଡାରି ସ୍କୁଲ,
ଭୁବନେଶ୍ୱର



୬
ଅନିମେଷ ପ୍ରଧାନ
କ୍ଲାସ୍ – ୨, ସେଣ୍ଟ୍
ଜାଭିୟର୍ସ ହାଇସ୍କୁଲ,
ଘଷିପୁରା,
କେନ୍ଦୁଝର




୭
ଶୋହନ ଘଟୁଆରୀ
କ୍ଲାସ୍ – ୩, ପ୍ରଭୁଜୀ
ଇଂଲିଶ ମିଡିୟମ୍ ସ୍କୁଲ,
ଭୁବନେଶ୍ୱର



୮
ରାଜେଶ୍ୱରୀ ବିଶ୍ୱାଳ
କ୍ଲାସ୍–୬, ସରସ୍ୱତୀ
ଶିଶୁ ବିଦ୍ୟାମନ୍ଦିର,
ବଡ଼ଗଡ଼ ବ୍ରିଟ୍ କଲୋନୀ,
ଭୁବନେଶ୍ୱର

# କ ବି ତା

## ସତ କହିବ ନିରନ୍ତର




ବିଧାତା ବିଧାନେ ବିଚିତ୍ର ସଂସାରେ
ମଣିଷ ଜୀବନ ସାର
ପରହିତ ପାଇଁ ଜନମ ଲଭିଛି
ପରକୁ କରି ନିଜର ।
ମହତ ଜନମେ ସତ ଏକା ସାର
ସତ୍ୟରେ ଚାଲେ ସଂସାର
ସତ ପଥେ ରହି କରମ କରିଲେ
ମାନବ ହୁଏ ଅମର ।
ସତର ସମ୍ପଦେ ଲଗାଇଲେ ମତି
ମହତ ହୁଅଇ ନର
ମରତ ସଂସାରେ ଅମୃତ ଲଭଇ
ସୁଖ ଲଭଇ ଅପାର ।
ସକଳ କରମେ ସତ୍ୟପଥେ ରହି
ଚାଲଇ ଯେ' ନିରନ୍ତର
ଜଗତ କରତା ପରମ ଈଶ୍ୱର
ସହାୟ ହୁଅନ୍ତି ତା'ର ।
ଆସୁ ଯେତେ ଝଡ ବିପଦ ପାହାଡ଼
ସତକୁ ହୁଡିବ ନାହିଁ
ସତ୍ୟ ଯେ ସୁନ୍ଦର ସତ୍ୟ ଅଟେ ଶିବ
ଜଗତ ମଙ୍ଗଳ ପାଇଁ ।
ଏ ମର୍ତ୍ତ୍ୟ ଭୁବନେ କେହି ନୁହେଁ କା'ର
ସତ୍ୟ ହିଁ କେବଳ ସାର
ଆସୁ ଯେତେ ବାଧା ବିପଦ ବତାସ
ସତ କୁହ ନିରନ୍ତର ।

**– ବୀର କିଶୋର ମହାନ୍ତି**
ଓଡ଼ଶମଳ, କୋଣାର୍କ, ପୁରୀ

## କୁନା ବସି କାନ୍ଦୁଥିଲା



ପରୀକ୍ଷା ସରିଲା ଖରାଛୁଟି ହେଲା
କୁନା ବସି କାନ୍ଦୁଥିଲା
ଯାଇ ନାହିଁ ସିଏ ଅନେକ ଦିନରୁ
ଗାଆଁ ମନେପଡିଗଲା ।
ଜନମି ବଢିଛି ଗାଆଁ ମାଟି କୋଳେ
ତାହାରି ପାଣି ପବନେ
ଅପାସୋରା ଅଛି ତା ଅତୁଳ ଦାନ
ଗୋଟି ଗୋଟି ଏ ଜୀବନେ ।
ମୁନା ସାଥେ ଯାଇ ଖେଳୁଥିଲା କେତେ
ଗାଆଁ ଖେଳ ପଡିଆରେ
ମନେପଡେ ଆଜି ମାଛମରା କଥା
ମଦନାର ଗଡିଆରେ ।
ଜେଜେ ମାଆଙ୍କର ଗପର ପସରା
ଶୁଭୁ ନାହିଁ ସନ୍ଧ୍ୟା ବେଳେ
ଆମ୍ବଗଛ ଡାଳେ ଦୋଳି ସେ ଖେଳିବ
ସାଙ୍ଗ ସାଥୀଙ୍କର ମେଳେ ।
ବରଷା ହୋଇଲେ କାଗଜ ଡଙ୍ଗାକୁ
ଭସାଏ ସେ ଓଦା ହୋଇ
ସହରେ ରହିକି ଗାଆଁ ମଜାଗଲା
କାନ୍ଦୁଥିଲା କଇଁ କଇଁ ।
ବାପା ବୁଝାଇଲେ କାନ୍ଦ ନାହିଁ ପୁଅ
ଆମେ ଗାଆଁ ଯିବା କାଲି
କାନ୍ଦ ଛାଡି କୁନା ହସିଲା ଖୁସିରେ
ମାରୁଥିଲା ତାଳି ଖାଲି ।


**– ଲକ୍ଷ୍ମୀଧର ନାୟକ**
ବାଉଁଶିଆପଡା, ନୟାଗଡ଼

## କହିଲ ଦେଖି

**୧**

ଗଢ଼ଣ ତା' ଛୋଟ ବେଲୁନ୍ ପରି
ଖାଦ୍ୟରଖି ଦିଏ ହଜମ କରି
ଏଇ ଯନ୍ତ୍ର ଯଦି ନାହିଁ କାହାର
ବଞ୍ଚିବା ଦୁଃସାଧ୍ୟ ଅଟେ ତାହାର
କହିଲ କିଏ ?
ଦିନ ରାତି କାମେ ଲାଗି ସେ ଥାଏ ।

–ପାକସ୍ଥଳୀ



**୨**

ଘର ନୁହେଁ ଅଛି ଦୁଇ କବାଟ
ଯା ଲାଗି ଅନ୍ଧାର ଦୁନିଆ ନାଟ
କହିଲ କିଏ ?
ଶ୍ରେଷ୍ଠ ଅଙ୍ଗଯୋଗ୍ୟ ହୋଇଛି ସିଏ ।

–ଚକ୍ଷୁ



**୩**

ପକେଟରେ ଥାଏ, ଚୁଲି ମୁଣ୍ଡେ ରହେ
ବହୁତ ତାହାର ବଳ
ସୁବିଧା କରିବ, ବିପଦ ବି ଦେବ
ମାରି ଦେଲେ ଏଇ କଳ ।

– ଦିଆସିଲି



**୪**

ଧଳା ବିଲରେ କାଳିଆ ମଞ୍ଜି
ହୋଇ ଚାଲିଥାଏ ଚାଷ
ପାଠୁଆ ଏହି ମଞ୍ଜି ବୁଣଇ
ସବୁଦିନେ ପୁଷ ମାସ
କୁହ ଏଇ ଦୁଇ କିସ ?

**–କାଗଜ, କଲମ**




**୫**

ଚତୁର୍ପାର୍ଶ୍ୱେ ଅସୁରମାନେ
ମଧ୍ୟେ ବାସ କରେ ଦେବତା
ଶତ୍ରୁ ଓ ମଇତ୍ର ସୃଷ୍ଟି କରେ
ଦିଏ ଭଲ ମନ୍ଦ ବାରତା
କହିଲ କିଏ, ଲୁଚିକି ଥାଏ ?

– ଜିଭ



**– କବି ଜ୍ୟୋତି ନିରଞ୍ଜନ ପତି,** ଗାନ୍ଧୀମାର୍ଗ, ଅନୁଗୋଳ

## ଆସ ଖୋଜିବା



## ଏଥରର ପ୍ରଶ୍ନ




- ବେଲୁର ମଠ କେଉଁଠାରେ ଅବସ୍ଥିତ ?
- ସାବରମତୀ କେଉଁଠାରେ ରହିଛି ?
- ଜନ୍ତର ମନ୍ତର କେଉଁ ରାଜ୍ୟର ଏକ ପ୍ରସିଦ୍ଧ ଦର୍ଶନୀୟ ସ୍ଥାନ ?
- ସାରନାଥ କେଉଁଠାରେ ଅବସ୍ଥିତ ?
- ହାୱାମହଲ କେଉଁଠାରେ ରହିଛି ?

## ଆରଥରର ଉତ୍ତର

- ବନସ୍ତେ ଡାକିଲା ଗଜ........
  ବରଷକେ ଥରେ ଆସିଛି ରଜ
- ରଜ ଦୋଳି କଟମଟ........
  ମୋ ଭାଇ ମୁଣ୍ଡରେ ସୁନା ମୁକୁଟ
- ନଈ କି ମାରିଲି ଗିଲ........
  ନଈ ଆରପଟେ ଦୁଇଟି ଚିଲ
- ଠିଆ ପୁଚି ନାରଙ୍ଗ........
  ଗୋଡ ଦି ଟା ସାରଙ୍ଗ
- ରାଶିରୁ ଛାଡିଲା ଚୋପା........
  ପାଦରେ ନାଇଛୁ ଗୁଆ ଖୋଳପା

## କାହାକୁ କୁହନ୍ତି...

ଏସିଆର ଆଲୋକ– ଗୌତମ ବୁଦ୍ଧ
ଭାରତର ନେପୋଲିୟନ୍– ସମୁଦ୍ରଗୁପ୍ତ
କୁଳଗୁରୁ ବୃଦ୍ଧ– ଦାଦାଭାଇ ନାରୋଜୀ
ବାପୁଜୀ– ମୋହନଦାସ କରମଚାନ୍ଦ ଗାନ୍ଧୀ
ଆନ୍ଧ୍ର କେଶରୀ– ଟି.ପ୍ରକାଶମ୍
ଗୁରୁଦେବ– ରବୀନ୍ଦ୍ରନାଥ ଠାକୁର
ନେତାଜୀ– ସୁଭାଷ ଚନ୍ଦ୍ର ବୋଷ
ପ୍ରାଚ୍ୟ ଓ ପାଶ୍ଚାତ୍ୟର ଦୂତ– ସ୍ୱାମୀ ବିବେକାନନ୍ଦ
ଭାରତର ବୁଲ୍‌ବୁଲ୍– ସରୋଜିନୀ ନାଇଡୁ
ଜଗଦଗୁରୁ– ଶଙ୍କରାଚାର୍ଯ୍ୟ
ଆଚାର୍ଯ୍ୟ– ବିନୋବା ଭାବେ
ଭାରତର ଆଲେକଜାଣ୍ଡର– ରାଜେନ୍ଦ୍ର ଚୋଳ
ଲୋକମାତା– କସ୍ତୁରୀ ଦେଈ
ଶାନ୍ତି ଦୂତ– ଲାଲ ବାହାଦୁର ଶାସ୍ତ୍ରୀ
ବିଦ୍ୟାସାଗର– ଈଶ୍ୱର ଚନ୍ଦ୍ର ବନ୍ଦୋପାଧ୍ୟାୟ
ଛତ୍ରପତି – ଶିବାଜୀ
ମହାମାନ୍ୟ– ମଦନମୋହନ ମାଲବ୍ୟ

# ଜଣା ଅଜଣା



✲ ପୃଥିବୀର ସବୁଠାରୁ ସୁନ୍ଦର ଚିତ୍ର କୁହାଯାଉଥିବା 'ଦ ମୋନାଲିସା' ପେଣ୍ଟିଂରେ ମୋନାଲିସାଙ୍କ ଭ୍ରୂଲତା ନାହିଁ।



✲ ଗାଈ, ଛେଳି, ମେଣ୍ଢା ଆଦିଙ୍କ ପାଟିର ଉପର ମାଢ଼ିରେ ଦାନ୍ତ ନଥାଏ।




✲ ଅଷ୍ଟ୍ରେଲିଆରେ ଦେଖାଯାଉଥିବା କୋଆଲା ଦିନକୁ ପ୍ରାୟ ୧୮ ରୁ ୨୨ ଘଣ୍ଟା ଶୋଇଥାଏ।



✲ ସାଧାରଣତଃ ଫଳ ଡେମ୍ଫରୁ ତଳ ମୁହାଁ ହୋଇ ଫଳୁଥିବା ବେଳେ କଦଳୀ ଡେମ୍ଫରୁ ଉପର ମୁହାଁ ହୋଇ ଫଳିଥାଏ।



✲ ଉଡାଜାହାଜରେ ଗଲାବେଳେ ଆମେ ଖାଉଥିବା ଖାଦ୍ୟ ସେତେ ସ୍ୱାଦିଷ୍ଟ ଲାଗି ନ ଥାଏ। କାରଣ ଉପରେ ଉଡ଼ିଲା ବେଳେ ସ୍ୱାଦ ଏବଂ ଘ୍ରାଣଶକ୍ତି ହ୍ରାସ ପାଇଥାଏ।



✲ ପୃଥିବୀର ବିଶାଳ ସରୀସୃପ ମଧ୍ୟରୁ ଅନ୍ୟତମ କୁମ୍ଭୀରର ଆକାର ପ୍ରାୟ ୩୩ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି ଘଟିଥାଏ।

# ଆଇନା



ସୌମ୍ୟା
୭ ବର୍ଷ



କ୍ରିଶ୍
୧୧ ବର୍ଷ



ଅନନ୍ୟା
୭ ବର୍ଷ